## ସଂକ୍ଷେପରେ

### ଚବିଶ ପ୍ରହର ନାମଯଜ୍ଞ

**ଭୁବନ, ୬।୧୧(ଡି.ଏନ୍.ଏ.):** ଭୁବନର ପ୍ରସିଦ୍ଧ ବୁଢ଼େଶ୍ୱର ଶୈବପୀଠରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଦ୍ୱାଦଶ ବାର୍ଷିକ ଚବିଶ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ଢେଙ୍କାନାଳ ଜିଲା ସମେତ ପଡ଼ୋଶୀ ଯାଜପୁର ଜିଲାରୁ ୫୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇଥିଲେ। ମହିଳାମଣ୍ଡଳୀର ଉଦଣ୍ଡ କୀର୍ତ୍ତନ ମୁଖ୍ୟ ଆକର୍ଷଣ ସାଜିଥିଲା। ଭୁବନ ଏବଂ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ହରିନାମ କୀର୍ତ୍ତନରେ ସାମିଲ ହୋଇଥିଲେ। ଶ୍ରୀ ଚୈତନ୍ୟ ସେବାଶ୍ରିତ ଭକ୍ତବୃନ୍ଦ, ଯୁବକ ସଙ୍ଗଠନର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ରବିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଠାକୁରଙ୍କୁ ନଗର ପରିକ୍ରମା କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ୩,୦୦୦ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

### ନାମଯଜ୍ଞରେ ଅଞ୍ଚଳ ପ୍ରକମ୍ପିତ

**ସାତମାଇଲ, ୬।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ଅନ୍ତର୍ଗତ ବାଘଧରିଆ ଗ୍ରାମରେ ଧୁମ୍‌ଧାମରେ ପାଳିତ ହେଉଛି ଅଷ୍ଟପ୍ରହର ନାମଯଜ୍ଞ। ନାମକୀର୍ତ୍ତନରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଛି। ଧର୍ମମାସ କାର୍ତ୍ତିକରେ ଦୈନିକ ପ୍ରତ୍ୟୁଷରୁ କୀର୍ତ୍ତନମଣ୍ଡଳୀ ନଗର ପରିକ୍ରମା କରୁଛନ୍ତି। ପଞ୍ଚକ ବ୍ରତ ଅବସରରେ ଶନିବାର ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ରବିବାର ଯଜ୍ଞ ଶୁଭାରମ୍ଭ ହୋଇଛି। ଗ୍ରାମ ସଭାପତି ପର୍ଶୁରାମ ଗଡ଼ନାୟକ, ସମ୍ପାଦକ ଭଜକିଶୋର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିବାକର ଦେହୁରୀ କର୍ତ୍ତା, ପଣ୍ଡିତ ଲକ୍ଷ୍ମୀକାନ୍ତ ଦାଶ ଶର୍ମା ପୂଜା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଶ୍ରଦ୍ଧାଳୁଙ୍କ ନିମନ୍ତେ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ସୋମବାର ବିମାନରୂଢ଼ ଠାକୁରଙ୍କୁ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯିବ। ଦଧିହାଣ୍ଡି ଭଙ୍ଗାଯିବା ପରେ କାର୍ଯ୍ୟକ୍ରମ ସମ୍ପନ୍ନ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।

### ନୀଳକଣ୍ଠେଶ୍ୱର ମନ୍ଦିର ଚଳଚଞ୍ଚଳ

**ଢେଙ୍କାନାଳ ଅଫିସ, ୬।୧୧:** ଢେଙ୍କାନାଳ ଖମାରସାହିସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରଠାରେ ୪ ତାରିଖରୁ ଆରମ୍ଭ ହୋଇଛି ପଞ୍ଚକ ବ୍ରତ ଏବଂ ହରିନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ। ଏହା ସୋମବାର ଉଦ୍‌ଯାପିତ ହେବ। ବିଧାୟକ ସୁଧୀର ସାମଲ, ଏମ୍‌ପି ମହେଶ ସାହୁ, ପୌରାଧକ୍ଷା ଜୟନ୍ତୀ ପାତ୍ର, ଭାଜପା ନେତା ରାମଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଠାକୁରଙ୍କୁ ଦର୍ଶନ କରିଥିଲେ। ସୋମବାର ଅପରାହ୍ନ ୧ଟାରେ ପଞ୍ଚକ ଯଜ୍ଞ ଅନୁଷ୍ଠିତ ହେବ। କମିଟି ସଭାପତି ସୁକାନ୍ତ ମିଶ୍ର, ଉପସଭାପତି ଚକ୍ରଧର ରାଉତ, ବସନ୍ତ ରଥ, ମନ୍ଦିର କମିଟି ସଭାପତି ଦୀପକ ମିଶ୍ର, ଲକ୍ଷ୍ମୀପୂଜା କମିଟି ସମ୍ପାଦକ ସୁଶାନ୍ତ ସାହୁ, ସହ ସମ୍ପାଦକ ସୁଶାନ୍ତ ସ୍ୱାଇଁ, ଦିଲୀପ ସାହୁ, ବଳରାମ ବାରିକ, ପ୍ରଭାତୀ ସାହୁ, ଭଗବାନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଗ୍ରାମ୍ୟ କମିଟି ସଭାପତି ପ୍ରେମାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଚାଲିଛି। ପୂଜକ ସର୍ବେଶ୍ୱର ପତ୍ରୀ, ପୀତବାସ ପତ୍ରୀ ଠାକୁରଙ୍କ ନୀତିକାନ୍ତି କରୁଛନ୍ତି।

# ୧୨୦୦ ଆଶାୟୀଙ୍କୁ ନିଯୁକ୍ତି ସୁଯୋଗ

**କୌଶଳ ମହୋତ୍ସବ**

- ଗମନାଗମନ ବ୍ୟବସ୍ଥାର ଉନ୍ନତି ପାଇଁ ଦୃଷ୍ଟି ଦିଆଯାଉଛି: ଧର୍ମେନ୍ଦ୍ର
- ରାଜନୀତିରୁ ଊର୍ଦ୍ଧ୍ୱରେ ରହି ମାଟିର ଉନ୍ନତି ପାଇଁ ଆଗେଇ ଆସ: ପ୍ରଫୁଲ୍ଲ

**କାମାକ୍ଷାନଗର, ୬।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ୍ ପରିସରରେ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଆନୁକୂଲ୍ୟରେ ରବିବାର କୌଶଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏହି କାର୍ଯ୍ୟକ୍ରମରେ ୭୩ଟି କମ୍ପାନୀ ଯୋଗଦେଇଛନ୍ତି। ପ୍ରାୟ ୧୨୦୦ ଆଶାୟୀଙ୍କୁ ସେମାନେ ନିଯୁକ୍ତି ସୁଯୋଗ ଦେଇଛନ୍ତି। କାମାକ୍ଷାନଗରକୁ ଭାରତର ଅଗ୍ରଣୀ ଅଞ୍ଚଳ ଭାବେ ଗଢ଼ିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏମ୍‌ପି ମହେଶ ସାହୁଙ୍କ ସମେତ ନିଯୁକ୍ତି ପାଇଥିବା ଆଶାୟୀ ଓ ଅନ୍ୟମାନେ।

ଢେଙ୍କାନାଳ ଜିଲାର ଉନ୍ନତି ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ସୁକିନ୍ଦା-ଅନୁଗୋଳ ରେଳପଥ, ଢେଙ୍କାନାଳ-କେନ୍ଦୁଝରର ଜାତୀୟ ରାଜପଥ, ବ୍ରାହ୍ମଣୀ ନଦୀରେ ତାଳଚେରଠାରୁ ପାରାଦ୍ୱୀପ ଓ ଧାମରା ବନ୍ଦର ପର୍ଯ୍ୟନ୍ତ ଜଳପଥ, ବୀରାଶାଳ ସରକାରୀ ବିମାନ ପ୍ରଶିକ୍ଷଣ କେନ୍ଦ୍ରର ଉନ୍ନତୀକରଣ ଲାଗି ଯୋଜନା କରାଯାଇଛି। ଜଳପଥ, ସ୍ଥଳପଥ, ରେଳପଥ, ଆକାଶପଥରେ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଅଗ୍ରାଧିକାର ଦିଆଯାଉଛି। ଏହା ହେଲେ ଅଞ୍ଚଳରେ ନିଯୁକ୍ତି ସୁଯୋଗ ବଢ଼ିବ। ଏଥିରେ ରାଜ୍ୟ ସରକାର ସହଯୋଗ କରିବାକୁ ଧର୍ମେନ୍ଦ୍ର ଆହ୍ୱାନ କରିଛନ୍ତି। ଏହି ଅବସରରେ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଯୁବ ଉଦ୍ୟୋଗପତି ଅମରେନ୍ଦ୍ର ସାହୁଙ୍କ ଉଦାହରଣ ଦେଇଥିଲେ। ସୁଯୋଗ ମିଳିଲେ ଓଡ଼ିଆ ପିଲା ଚନ୍ଦ୍ରରେ ପହଞ୍ଚିପାରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

ଅନ୍ୟତମ ଅତିଥି ଭାବେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କାମାକ୍ଷାନଗରରେ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ମାଟିର ଉନ୍ନତି ପାଇଁ ଆଗେଇ ଆସିବାକୁ ମନ୍ତ୍ରୀ ମଲ୍ଲିକ ଆହ୍ୱାନ ଦେଇଛନ୍ତି। ଅନ୍ୟତମ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି କମ୍ପାନୀଗୁଡ଼ିକୁ ପରାମର୍ଶ ଦେଇଥିଲେ। ଜାତୀୟ ଦକ୍ଷତା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ବେଦମଣି ତିୱାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କାର୍ଯ୍ୟନିର୍ବାହୀ ଉପସଭାପତି ଡ. ମନୀଷ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

### ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ
## ମାମୁ ମୃତ, ଭଣଜା ଗୁରୁତର



**ଭୁବନ, ୬।୧୧(ଡି.ଏନ୍.ଏ.)**

ଭୁବନ ଥାନା ଗଡ଼ନୃସିଂହପ୍ରସାଦ ଛକ ୫୩ନଂ. ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଏକ ବାଇକ୍ (ନଂ. ଓଆର୍ ୦୬ ଏଫ୍ ୮୩୩୬) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସୁକିନ୍ଦା ଥାନା ଅତା ଗ୍ରାମର ପ୍ରଦୀପ୍ତ ସାହୁଙ୍କ ମୃତ୍ୟୁ ଘଟିଥିବାବେଳେ ଏବଂ ତାଙ୍କ ଭଣଜା ସତ୍ୟବିନାୟକ ଗୁରୁତର ହୋଇଛନ୍ତି। ସତ୍ୟବିନାୟକଙ୍କୁ ତାଙ୍କ ଗାଁ ବାରୁଆଁ (ଖ)ରେ ଛାଡ଼ିବାକୁ ଯାଉଥିବାବେଳେ ପ୍ରଦୀପଙ୍କ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ପିଲାରରେ ପିଟି ହୋଇଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ରାସ୍ତାରେ ପ୍ରଦୀପଙ୍କ ମୃତ୍ୟୁ ହୋଇଯାଇଥିଲା। ସତ୍ୟନାରାୟଣଙ୍କ ମୁଣ୍ଡ ଏବଂ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି।

# ମାଟି ତଳେ ଲୁଚାଇଥିଲେ ପୋଚ

**ପରଜଙ୍ଗ, ୬।୧୧(ଡି.ଏନ୍.ଏ.)**

ଅବକାରୀ ବିଭାଗ ଡାଳେ ଡାଳେ ଗଲେ ମଦ ମାଫିଆମାନେ ପତ୍ରେ ପତ୍ରେ ଯାଉଛନ୍ତି। ଖୋଲାସ୍ଥାନରେ ପୋଚ ରଖିଲେ କାଳେ ଧରାପଡ଼ିବ ଭାବି ସେମାନେ ଏବେ ମାଟି ତଳେ ମଦ ପ୍ରସ୍ତୁତ ଲାଗି ଲୁଚାଇ ରଖୁଛନ୍ତି ମହୁଲି ପୋଚ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ ଆମ୍ବପଳାସ ଜମ୍ବୁନାଳି ଗ୍ରାମ ନିକଟ ଜଙ୍ଗଲର ମଦ ରନ୍ଧାଯାଉଥିବା ସ୍ଥାନରେ ରବିବାର ଅବକାରୀ ବିଭାଗ ଚଢ଼ାଉ କରି ଭୂଇଁ ତଳେ ଲୁଚାଇ ରଖାଯାଇଥିବା ୩,୬୦୦ ଲିଟର ପୋଚ ଏବଂ ୫୦ ଲିଟର ମହୁଲି ମଦ ନଷ୍ଟ କରିଛି। ଜମ୍ବୁନାଳି ଅଞ୍ଚଳରେ ବ୍ୟାପକ ଚୋରା ମଦ କାରବାର ହେଉଛି। ମଦ ବ୍ୟବସାୟୀମାନେ ଜଙ୍ଗଲରେ ମଦ ରାନ୍ଧୁଛନ୍ତି। ଏ ସମ୍ପର୍କରେ ସୂଚନା ପାଇବା ପରେ ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ପରଜଙ୍ଗ, ଭୁବନ, ଢେଙ୍କାନାଳ, କାମାକ୍ଷାନଗର,


ଅବକାରୀ କର୍ମଚାରୀମାନେ ପୋଚ ଜବତ କରୁଛନ୍ତି।

**୩୬୦୦ ଲିଟର ମହୁଲି ପୋଚ, ୫୦ ଲିଟର ମଦ ନଷ୍ଟ**

ପୋଲିସର ମିଳିତ ସହାୟତାରେ ଚଢ଼ାଉ କରାଯାଇଥିଲା। ଚୋରା ମଦ କାରବାର ରୋକିବା ଲାଗି ନିୟମିତ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରଜଙ୍ଗ ଅବକାରୀ ବିଭାଗ ଅଧିକାରୀ ଆରତୀ ମିଶ୍ର କହିଛନ୍ତି। ଅନ୍ୟପଟେ ଆମ୍ବପଳାସ ଅଞ୍ଚଳରେ ମଧ୍ୟ ବେଆଇନ ମଦ କାରବାର ବଢ଼ି ଚାଲିଥିବାବେଳେ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ମା' ମହାସିମୁଳାଙ୍କ ମନ୍ଦିରର ରତ୍ନମୁଦ

**ସାତମାଇଲ, ୬।୧୧(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ କାରନ୍ଦା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମହାସିମୁଳାଙ୍କ ନିର୍ମାଣାଧୀନ ମନ୍ଦିରର ରତ୍ନମୁଦ ମହୋତ୍ସବ ରବିବାର ସମ୍ପନ୍ନ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭାଇଚାରା ବଜାୟ ରଖିବାକୁ ଅଞ୍ଚଳବାସୀଙ୍କୁ ନିବେଦନ କରିଥିଲେ। ଏଥିପୂର୍ବରୁ ପୂର୍ବାହ୍ନ ୧୦ଟାରେ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ କେନ୍ଦ୍ରମନ୍ତ୍ରୀ କଲେଜ ଅଧ୍ୟକ୍ଷ, କର୍ମଚାରୀ, ପୁରାତନ ଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। କଲେଜର ସମସ୍ୟା ସମାଧାନ ଲାଗି ସହାୟତାର ହାତ ବଢ଼ାଇବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବତନ ଛାତ୍ର ସଂସଦ ସଭାପତି ରତିକାନ୍ତ ଗଡ଼ନାୟକ, ସମ୍ପାଦକ ଦିଲୀପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ରୁଦ୍ର ନାରାୟଣ ପାଣି, ଅଞ୍ଜଳି ବେହେରା, ଭାଜପା ଜିଲା ସଭାପତି ନରେଶ ମହାପାତ୍ର, ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ସନାତନ ବେହେରା, ଅଶୋକ ରାଉତ, ରବିନ ବାରିକ, ସୁଜିତ ବାରିକଙ୍କ ସମେତ ବହୁ ନେତାକର୍ମୀ ଉପସ୍ଥିତ ଥିଲେ।

# ଲାଗିହେଲା ୩,୧୭୫ ଭଣ୍ଡାର ଭୋଗ

**ବୁଢ଼େଶ୍ୱର ପୀଠରେ ବଡ଼ଓଷା**

**ଭୁବନ, ୬।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲାର ଭୁବନସ୍ଥିତ ଐତିହ୍ୟସମ୍ପନ୍ନ ବୁଢ଼େଶ୍ୱର ଶୈବପୀଠରେ ଦୀର୍ଘ ଦୁଇ ବର୍ଷ ପରେ ପାଳିତ ହୋଇଛି ବଡ଼ଓଷା। ଶ୍ରଦ୍ଧାଳୁମାନେ ବିପୁଳ ଉତ୍ସାହ ଉଦ୍ଦୀପନାର ସହ ମହାଦେବଙ୍କ ଦର୍ଶନ କରିଥିବାବେଳେ ମୋଟ ୩,୧୭୫ ଭଣ୍ଡାର ଲାଗି କରାଯାଇଛି। ଭଣ୍ଡାର ସଂଖ୍ୟା ବଢ଼ିବା କାରଣରୁ ଛତାମଠ, ମହାଦେବ ମନ୍ଦିର, ଅଷ୍ଟଶମ୍ଭୁ ମନ୍ଦିର, ନୂଆ ଭୁବନ ଶିବମନ୍ଦିରରେ ଭଣ୍ଡାର ଲାଗି ହୋଇଥିଲା। ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମରେ ପୀଠ ପରିସର ଲୋକାରଣ୍ୟ ହୋଇଉଠିଥିଲା।


ଶ୍ରଦ୍ଧାଳୁମାନେ ଭଣ୍ଡାର ଲାଗି ପାଇଁ ବ୍ୟଞ୍ଜନ ପ୍ରସ୍ତୁତ କରୁଛନ୍ତି।

ମହାପଞ୍ଚକ ଏବଂ ବଡ଼ଓଷା ଅବସରରେ ଭୋର୍ ସମୟରୁ ଠାକୁରଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ବ୍ରାହ୍ମଣୀ ନଦୀରେ ସ୍ନାନସାରି ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ କରିଥିଲେ। ପଞ୍ଚକ ବ୍ରତ ଅବସରରେ ବହୁ ସଂଖ୍ୟାରେ ଭକ୍ତ ଆସୁଥିବାରୁ ଉଠାଦୋକାନୀମାନେ ପସରା ମେଲାଇଛନ୍ତି। ମନ୍ଦିର କମିଟି, ପୋଲିସ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଉଛି। ପରିଚାଳନା କମିଟିର ନନ୍ଦକିଶୋର ସାହୁ, ଶ୍ରୀଧର ବେହେରା, କୋଦଣ୍ଡଧର ସାହୁ, ରାମଚନ୍ଦ୍ର ନାୟକ, ଭ୍ରମରବର ଗୁରୁ, କ୍ଷମାନିଧି ପାତ୍ର, ମାନସ ସାହୁ, ଦିଲୀପ ମିଶ୍ର, ଦୁଷ୍ମନ୍ତ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରକାଶଙ୍କୁ କବି କାଞ୍ଚନ ସମ୍ମାନ

**ଢେଙ୍କାନାଳ ଅଫିସ, ୬।୧୧**

ଢେଙ୍କାନାଳ ଥିଙ୍କର୍ସ ଫୋରମ୍ ସମ୍ପାଦକ କବି ପ୍ରକାଶଚନ୍ଦ୍ର ରାଉତଙ୍କୁ ଭୁବନେଶ୍ୱରସ୍ଥିତ 'କନିକା କଲମ' ଅନୁଷ୍ଠାନର ବାର୍ଷିକ ଉତ୍ସବରେ 'କବି କାଞ୍ଚନ ସମ୍ମାନ'ରେ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଡ. ରମେଶ ଚନ୍ଦ୍ର ଦାସ, ମୁଖ୍ୟ ବକ୍ତା ବିଶିଷ୍ଟ ଗୀତିକବି ମନୋଜ ମହାନ୍ତି, ସମ୍ମାନିତ ଅତିଥି ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ ଯୋଗଦେଇଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'କନିକା କଲମ' ଉନ୍ମୋଚିତ ହୋଇଥିଲା। ଥିଙ୍କର୍ସ ଫୋରମ ସଭାପତି ସୌମେନ୍ଦୁ ଶତପଥୀ,



ପ୍ରକାଶଙ୍କୁ ସମ୍ମାନିତ କରାଯାଉଛି।

ସାଙ୍ଗଠନିକ ସମ୍ପାଦକ ବିଶ୍ୱଜିତ୍ ବରାଳ, 'ଚରୈବେତି'ର ପ୍ରମୁଖ ସୁଶୀଲ କୁମାର ନନ୍ଦ, ସହ ପ୍ରମୁଖ ବିବେକାନନ୍ଦ ଷଡ଼ଙ୍ଗୀ, ସାମାଜିକ କାର୍ଯ୍ୟକ୍ରମ ସହ ପ୍ରମୁଖ ଅବିନାଶ ପଟ୍ଟନାୟକ, ସଦସ୍ୟ ବିନୋଦ ମଲ୍ଲିକ ପ୍ରମୁଖ ପ୍ରକାଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କନିକା କଲମର ସଭାପତି ଡ. ଶରତ ଚନ୍ଦ୍ର ସାମଲ ଉତ୍ସବରେ ସଭାପତିତ୍ୱ କରିଥିଲେ।

# ଲୋକଙ୍କ ପାଖରେ ଯୋଜନା ପହଞ୍ଚିବା ଜରୁରୀ

**ଢେଙ୍କାନାଳ ଅଫିସ, ୬।୧୧**

ଜାତୀୟ, ରାଜ୍ୟ, ଜିଲା ଆଇନସେବା ପ୍ରାଧିକରଣ ଏବଂ ଜିଲା ପ୍ରଶାସନର ସହଯୋଗରେ ଢେଙ୍କାନାଳ ସଂସ୍କୃତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ମେଗା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତି ଯୋଗଦେଇ ସରକାରୀ ଜନଉପଯୋଗୀ ଯୋଜନା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କହିଲେ, ମେଗା ଶିବିର ହିତାଧିକାରୀଙ୍କୁ ଗୋଟିଏ ମଞ୍ଚରେ ସୁବିଧା ପ୍ରଦାନ ଲାଗି ସୁଯୋଗ ସୃଷ୍ଟି କରିଛି। ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ


ଅଧିକାରୀଙ୍କ ସହ ହିତାଧିକାରୀମାନେ।

ଯୋଜନା କାର୍ଯ୍ୟାଦେଶ, ଭତ୍ତା, ଅଣ ଦବ୍ୟାଙ୍ଗଙ୍କୁ ସହାୟତା ଉପକରଣ ସମେତ ବିଭିନ୍ନ ଜନମଙ୍ଗଳ ଯୋଜନାର ସହାୟତା ରାଶି ବଣ୍ଟନ କରାଯାଇଥିଲା। ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର କୋର୍ଟ ଭିଜିଲାନ୍ସ ସବିତା ଦାସ, ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ଚିନ୍ମୟ ମିଶ୍ର, ଶତରୂପା ଶତପଥୀ, ଶଶିରେଖା ମିଶ୍ର, ସାବିତ୍ରୀ ନାୟକ, ଲୋପାମୁଦ୍ରା ପଣ୍ଡା, ସୁଧିରଞ୍ଜନ ଦାସ, ସୁଧାଶ୍ରୀ ସୁରଝଲିଆ, ଗାର୍ଗୀ ରାୟଙ୍କ ସମେତ ଜିଲାର ବିଭିନ୍ନ ସରକାରୀ ଅଧିକାରୀ, ଓକିଲ ସଂଘ ସଦସ୍ୟ, ପ୍ୟାନେଲ ଲୟର୍ସ ଓ ପାରାଲିଗାଲ ଭଲ୍ୟୁଣ୍ଟିୟର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧିକରଣ ସଚିବ ମମିତା ସାହୁ ଧନ୍ୟବାଦ ଦେଇଥିଲେ।

# କର୍ମଚାରୀଙ୍କ ସମସ୍ୟା ସମାଧାନ ଦାବି

**ଢେଙ୍କାନାଳ ଅଫିସ, ୬।୧୧**

ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଢେଙ୍କାନାଳ ଜିଲା ଶାଖାର ୧୦ମ ସମ୍ମିଳନୀ ରେଙ୍ଗାଳି ଦକ୍ଷିଣ କେନାଲ ଜଳସେଚନ ବଙ୍ଗଳାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶାଖା ସଭାପତି ଅରୁଣ କୁମାର ବଳିଆରସିଂ ସଭାପତିତ୍ୱ କରି କହିଲେ, ସରକାରୀ କର୍ମଚାରୀ ସରକାରଙ୍କ ମେରୁଦଣ୍ଡ। ସେମାନଙ୍କୁ ଅଣଦେଖା କରାଯିବା ଅନୁଚିତ। ସେମାନଙ୍କ ସମସ୍ୟାର ସମାଧାନ କରିବା ଜରୁରୀ। ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟ ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥି ଯୋଗଦେଇ ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା, ଜୁଲାଇରୁ ୪% ମହଙ୍ଗଭତ୍ତା ଲାଗୁ, ୧୮ ମାସର ବକେୟା ଡିଏ ଓ ଏରିୟର ପ୍ରଦାନ, ଜିଲାସ୍ତରୀୟ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ ମୂଳ ଦରମା ସ୍ଥିର କରିବା, ଖାଲି ପଡ଼ିଥିବା ପଦବୀ ପୂରଣ ଉପରେ ଆଲୋଚନା କରାଯାଇଛି। ଡିସେମ୍ବର ୮ ଓ ୯ରେ ଦିଲ୍ଲୀରେ ହେବାକୁ ଥିବା ଜାତୀୟ ସମ୍ମିଳନୀରେ ଯୋଗଦେବା ନେଇ ଆଲୋଚନା ହୋଇଥିଲା। ସମ୍ମାନିତ ଅତିଥି ଭାବେ ହାଡ଼ିବନ୍ଧୁ ନାୟକ, ସଦାନନ୍ଦ ବେହେରା, ଗଣେଶରାମ ପାଲ, କାହ୍ନୁଚରଣ ମଲ୍ଲିକ, ନମିତା ମନୋହରି, ଟୁନା ମହାରଣା, ଲଳିତ ଲକ୍ଷ୍ମୀକାନ୍ତ ଦାସ, ବୃନ୍ଦାବନ ଜେନା, ସତ୍ୟବ୍ରତ ଦାସ, ରବୀନ୍ଦ୍ରନାଥ ମହାନ୍ତି, ବାବାଜୀ ଚରଣ ମଲ୍ଲିକ, ମନୋଜ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ସଭାପତି ଭାବେ ଅରୁଣ ବଳିଆରସିଂ, ସମ୍ପାଦକ ବାବୁରାମ ପାତ୍ର, କୋଷାଧ୍ୟକ୍ଷ ସତ୍ୟବ୍ରତ ମଲ୍ଲିକ, ଉପସଭାପତି ଦୁର୍ଯ୍ୟୋଧନ ବିଶ୍ୱାଳ, ହିରଣ୍ୟ ରଥ, ସମ୍ପାଦକ ଆର୍ଯ୍ୟଭୂଷଣ ନାୟକ, ସଙ୍ଗଠନ ସମ୍ପାଦକ ବିଶ୍ୱବିକାଶ ଚୌଧୁରୀଙ୍କ ସମେତ ୨୦ କାର୍ଯ୍ୟକାରିଣୀ ସଭ୍ୟ ନିର୍ବାଚିତ ହୋଇଥିଲେ।



ବୈଠକରେ ସମନ୍ୱୟ ସମିତି ଶାଖାର ସଦସ୍ୟମାନେ।

# 'ମଣିଷକୁ ଯୋଡ଼େ ସାହିତ୍ୟ'

**ଓଡ଼ିଶା ପ୍ରତିଭା ପୂଜା ସଂସଦର ସାହିତ୍ୟ ଉତ୍ସବ**

**ଢେଙ୍କାନାଳ ଅଫିସ, ୬।୧୧**

କଟକସ୍ଥିତ ଓଡ଼ିଶା ପ୍ରତିଭା ପୂଜା ସଂସଦର ଢେଙ୍କାନାଳ ଜିଲା ଶାଖା ତରଫରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍‌ରେ ସାହିତ୍ୟ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲୀପ କୁମାର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ନଗର ଉନ୍ନୟନ ବିଭାଗର ପୂର୍ବତନ ନିର୍ଦ୍ଦେଶକ ମୀନକେତନ ଦାସ ଯୋଗଦେଇ କହିଲେ, ସାହିତ୍ୟ ମଣିଷ ସହ ମଣିଷ ଏବଂ ସମାଜ ସହ ମଣିଷକୁ ଯୋଡ଼େ। ଫଳରେ ଏକ ସୁନ୍ଦର ସମାଜ ଗଠନ ହେବାରେ ସହାୟକ ହୋଇଥାଏ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ ନାୟକ, ସମ୍ମାନିତ ଅତିଥି ବାଜି ରାଉତ ଶିକ୍ଷା ଅନୁଷ୍ଠାନ ଅଧ୍ୟକ୍ଷ ପ୍ରଫେସର ତାରାପ୍ରସନ୍ନ ଶତପଥୀ, ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର



ଅଧ୍ୟକ୍ଷ ଡ. ସମୀର ସାହୁ, ଶ୍ରୀଜଗନ୍ନାଥ ସେବା ପରିଷଦର ଜିଲା ସଭାପତି ଶ୍ରୀ ପ୍ରଦ୍ୟୁମ୍ନ ପ୍ରସାଦ ରଥ ଯୋଗଦେଇଥିଲେ। ସାହିତ୍ୟ ସମାଜର ଦର୍ପଣ। ସାହିତ୍ୟ, ସଂସ୍କୃତିକୁ ଛାଡ଼ି ଉତ୍ତମ ସମାଜ ଗଠନ ପରିକଳ୍ପନା ଅସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ କବି ବାହାଦୁର ପାଟସାହାଣୀଙ୍କ କବିତା ସଂକଳନ ଅନ୍ତଃସ୍ରୋତର ଦ୍ୱିତୀୟ ସଂସ୍କରଣ, ଜୀବନ ଗୀତିକା ଓ ଗଳ୍ପ ସଂକଳନ ନୂଆ ସକାଳକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ, ଉତ୍ଫୁଲ୍ଲର ସଭାପତି ମନୋରଞ୍ଜନ ପଟ୍ଟନାୟକ, କବି ମନୋରଞ୍ଜନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଗୀତିକାର ମହେଶ ନାୟକ ଭଜନ ପରିବେଷଣ କରିଥିବାବେଳେ ସୁଶ୍ରୀ ସ୍ନେହାଶ୍ରୀ ମହାପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

ପ୍ରଥମ ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଛ'ଦେଶ ସାହିତ୍ୟ ସଂସଦ ପତ୍ରିକା ସମ୍ପାଦକ କାଳୀଚରଣ ତ୍ରିପାଠୀ, ଓଡ଼ିଶା ପ୍ରତିଭା ପୂଜା ସଂସଦର ଯାଜପୁର ଜିଲା ସଭାପତି ପଣ୍ଡିତ ନାରାୟଣ ଶତପଥୀ, ପର୍ବତେଶ୍ୱର ସାହିତ୍ୟ ସଂସଦ, କବି ବିଦ୍ୟାଧର ଖଟୁଆ ଯୋଗଦେଇ ନବପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ରାଜ୍ୟ ସଂଯୋଜିକା କବି ସୁକାନ୍ତି ସାହୁଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ତାରାପ୍ରସନ୍ନ ଶତପଥୀ, ପ୍ରଫେସର ମୋହନ ସାହୁ, ଅବିନାଶ ଦାସ, କବି ଦୁର୍ଗାଚରଣ ରାଉତ, କାହ୍ନୁଚରଣ ମୁଦୁଲି, କବି ଅଖିଳ ପୃଷ୍ଟି, ସଞ୍ଜୀବ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଅଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗଣ୍ଡଗୋଳ କରି ୨ ଗିରଫ

ଅନୁଗୋଳ ଅଫିସ, ୬।୧୧- ଅନୁଗୋଳ ସଦର ଥାନା ଛେଲିଆପଡ଼ାର ଏକ ସେଲୁନ୍‌ରେ ଗଣ୍ଡଗୋଳ କରିବା ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାଙ୍ଗୁଲା ଡିଅର ସାହିର ଦୀନବନ୍ଧୁ ନାଥ(୨୮) ଓ ଛେଲିଆପଡ଼ାର ଶ୍ରୀକାନ୍ତ ବାରିକ(୨୮)। ଥାନାଧିକାରୀ ସତ୍ୟବ୍ରତ ରାଉତ କହିଛନ୍ତି, ଛେଲିଆପଡ଼ାରେ ଶ୍ରୀକାନ୍ତ ବାରିକଙ୍କ ଏକ ସେଲୁନ୍ ରହିଛି। ଦୀନବନ୍ଧୁ ସେଲୁନ୍ ଭିତରେ ଗ୍ରାହକ ଥିବା ସମୟରେ ପହଞ୍ଚି ସେଠାରେ ସିଗାରେଟ୍ ଲଗାଇଥିଲେ। ଏହାକୁ ସେଲୁନ୍ ମାଲିକ ବାରଣ କରିବାରୁ ଦୀନବନ୍ଧୁ ସେଲୁନ୍ ମାଲିକଙ୍କ ଗାଡ଼ି (ଓଡ଼ି-୩୫ଏ-୩୨୭୫)କୁ ପୋଡ଼ି ଦେଇଥିଲେ। ଏହାପରେ ଶ୍ରୀକାନ୍ତ ହାତରେ ଧରିଥିବା ଏକ ଖୁରରେ ଦୀନବନ୍ଧୁଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସଦର ଥାନାରେ ଉଭୟ ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା।

### ଆଜି 'କଳାକାର'ର ବୋଇତ ବନ୍ଦାଣ

ଅନୁଗୋଳ ଅଫିସ, ୬।୧୧-ଅନୁଗୋଳର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ 'କଳାକାର'ର ୩୭ତମ ବୋଇତ ବନ୍ଦାଣ ମହୋତ୍ସବ ସ୍ଥାନୀୟ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଉପଜିଲାପାଳ ବୈତୁରା ଦୀପ, ହାସ୍ୟ ଅଭିନେତା ପ୍ରଜ୍ଞାରଞ୍ଜନ ଖଟୁଆ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୋଇତ ବନ୍ଦାଣ, ନୃତ୍ୟ ନାଟିକା, ସ୍ମରଣିକା ଉନ୍ମୋଚନ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ ପରିବେଷଣ କରାଯିବ। ଏଥିସହ ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯିବ। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ନବଦୀପ ମହାଲିକଙ୍କ ନିର୍ଦ୍ଦେଶନାରେ ନାଟକ 'ପରିବର୍ତ୍ତନ' ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି।

### ଜିଲା ମୁଖ୍ୟ ଚିକିତ୍ସାଳୟରୁ ଗାଡ଼ି ଚୋରି

ଅନୁଗୋଳ ଅଫିସ,୬।୧୧-ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ ନାଲ୍‌କୋ ନଗରରେ ରହୁଥିବା ଅମିତ କୁମାର ଗୁପ୍ତାଙ୍କ ବାଇକ୍ ଚୋରି ହୋଇଛି। ଏ ନେଇ ସେ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ଅମିତ୍ ବାଇକ ଯୋଗେ ମେଡ଼ିକାଲକୁ ଆସିଥିବାବେଳେ ବ୍ଲଡ୍ ବ୍ୟାଙ୍କ ସମ୍ମୁଖରେ ଗାଡ଼ି ରଖିଥିଲେ। ଡାକ୍ତରଙ୍କୁ ପରାମର୍ଶ କରି ଅପରାହ୍ନରେ ବାହାରିବା ପରେ ତାଙ୍କ ବାଇକ୍ ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ରାଜ୍ୟସ୍ତରୀୟ ଜନସେବା ସମ୍ମାନ ପାଇବେ ଜୟନାରାୟଣ

ଅନୁଗୋଳ ଅଫିସ, ୬।୧୧- ଅନୁଗୋଳ ନବଜୀବନ ମଣ୍ଡଳ ପରିସରରେ ପ୍ରାଧାପକ କୁମୁଦ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଜିଲା ସାହିତ୍ୟ ସଂସଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ରାଧାକାନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ଦେବା ପରେ ଦିବଂଗତ ସୀତାରାମ ମହାନ୍ତିଙ୍କ ମହାପ୍ରୟାଣ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତବର୍ଷ ଜନସେବା ସମ୍ମାନ-୨୦୨୨ ପାଇଁ ଜୟନାରାୟଣ ଦାସଙ୍କୁ ସମ୍ମାନିତ କରାଯିବ ବୋଲି ମନୋନୀତ କରାଯାଇଛି। ଏହି ପୁରସ୍କାର ରାଜ୍ୟସ୍ତରୀୟ ହୋଇଥିବାରୁ ଏହାକୁ ଆସନ୍ତା ୨୭ ତାରିଖରେ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଦିବସ ପାଳନ ଅବସରରେ ପ୍ରଦାନ କରାଯିବ। ଏନେଇ ଏକ ସାରସ୍ୱତ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଆଲୋଚନାରେ ପ୍ରାଧାପକ ଶାନ୍ତନୁ କୁମାର ସର, ଡ. ଇନ୍ଦିରା ଦାଶ, ଡ. ରମା ଗଡ଼ନାୟକଙ୍କ ସହିତ ଅନେକ ସଦସ୍ୟ ଜିଲାର ବିଭିନ୍ନ ଅଞ୍ଚଳରୁ ଅଂଶ ଗ୍ରହଣ କରିଥିଲେ। ଶେଷରେ ଇଂ ଧନେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

### ସଙ୍ଗଠକ ସୀତାରାମଙ୍କ ସ୍ମୃତିସଭା

ଅନୁଗୋଳ ଅଫିସ, ୬।୧୧-ଅନୁଗୋଳ ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ତଥା ଅଞ୍ଚଳର ଖ୍ୟାତିସମ୍ପନ୍ନ ସାହିତ୍ୟ ସଙ୍ଗଠକ ସୀତାରାମ୍ ମିଶ୍ରଙ୍କ ଅକାଳ ବିୟୋଗରେ ରବିବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିମଳ ମିଶ୍ରଙ୍କ ସଭାପତିତ୍ୱରେ ସ୍ୱର୍ଗତ ମିଶ୍ରଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ସଭାପତି ଓ ସଦସ୍ୟବୃନ୍ଦ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

# ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା

## ତାଲୁକ ଆଇନ ସଚେତନତା ଶିବିର

ଆଠମଲ୍ଲିକ, ୬।୧୧(ଡି.ଏନ.ଏ.)

ଆଇନସେବା କମିଟି, ଉପଖଣ୍ଡ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ରବିବାର ସ୍ଥାନୀୟ ଖେଳପଡିଆରେ ମେଗା ତାଲୁକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲା ଦୌରାଜଜ ପ୍ରଣବ କୁମାର ପାତ୍ର, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରତାପ କୁମାର ବିଶ୍ୱାଳ, ଉପଜିଲାପାଳ ତରଣୀ ସୁନା ଯୋଗ ଦେଇଥିଲେ।

କିଆକଟା ସ୍କୁଲ ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ମାଧ୍ୟମରେ ନାରୀ ସଶକ୍ତିକରଣଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ୯୦ ଜଣଙ୍କୁ ଶ୍ରମକାର୍ଡ, ୨୮ ଜଣଙ୍କୁ ଅଣସଂଗଠିତ କାର୍ଡ, ୫୦ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୨ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର, ଗୋଟିଏ ଟ୍ରାଇ ସାଇକେଲ, ୨ ଏସ୍‌ଏଚ୍‌ଜିକୁ ୧.୫ ଲକ୍ଷ ଋଣ ପ୍ରଦାନ କରାଯାଇଥିଲା। ଆଠମଲ୍ଲିକ, କିଶୋରନଗର ବ୍ଲକର ୨୦ ଜଣଙ୍କୁ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ମାନପତ୍ର, ୨୦ ଜଣଙ୍କୁ ଗୋଷ୍ଠୀ ନିବେଶ ପାଣ୍ଠି, ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟ ପକ୍ଷରୁ ୩୨ ଜଣଙ୍କୁ ଉତ୍ତରାଧିକାରୀ ସାର୍ଟିଫିକେଟ, ୨୨ ଜଣଙ୍କୁ ଜମିପଟ୍ଟା, ୧୦ଜଣଙ୍କୁ ଅନ୍ୟାନ୍ୟ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାଜଜ୍ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ, ସବଜଜ୍ ବିନୋଦ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ତହସିଲଦାର ଯଶୋବନ୍ତ ଦେହୁରୀ, କିଶୋରନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ବେହେରା, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ସହକାରୀ ଜିଲାପାଳ କୁଳମଣି ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଡିଜେଏମ ମାନସୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଠମଲ୍ଲିକ ପୋଲିସ ଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଥିଲେ।



ଅତିଥିମାନେ ଜଣେ ମହିଳାଙ୍କୁ ସହାୟତା ଚେକ୍ ପ୍ରଦାନ କରୁଛନ୍ତି।

# ଜିଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା

## ସାନଯୋରଡ଼ା ଶ୍ରେଷ୍ଠ

ତାଳଚେର, ୬।୧୧(ନି.ପ୍ର.)

ତାଳଚେର ବ୍ଲକ ଲକେଇପଶି ଗ୍ରାମସ୍ଥିତ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ସପ୍ତମ ଜିଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଲକେଇପଶି ଭାଗବତ ପ୍ରଚାର ସମିତି ସଭାପତି ରସାନନ୍ଦ ଦାସ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ବଡ଼ଯୋରଡା, ସାନଯୋରଡା, ଜରଡା, ଲକେଇପଶି, ବଡ ସିଙ୍ଗଡା, ରାଣୀଗୋଡା, କଙ୍କିଳି, ଡେରା ପ୍ରମୁଖ ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଗବେଷକ ବିଭୂତି ଭୂଷଣ ସାହୁ, ଅରୁଣ ଗଡନାୟକ, ରାହାସ ଚନ୍ଦ୍ର ବିଶ୍ୱାଳ, ଦିଲୀପ ଦାସ ଦାୟିତ୍ୱ ତୁଲାଇଥିଲେ। ମଞ୍ଚ ଅଭିନେତା ହେମନ୍ତ ଦାସ ପରିଚାଳନା କରିଥିଲେ। ତେତ୍ରାନନ୍ଦ ସାମନ୍ତ, ସଂଯୁକ୍ତା ସାହୁ, ଲିଲି ପ୍ରଧାନ, ଗୌତମ ନାଏକ, ମହୋଦୟ ଦାସ ପ୍ରମୁଖ ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାରେ ସାନଯୋରଡ଼ା ପ୍ରଥମ ସ୍ଥାନ, ବଡଯୋରଡା ଦ୍ୱିତୀୟ ସ୍ଥାନ ଓ ଲକେଇପଶି ଦଳ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ। ପୁରସ୍କାର ବିତରଣ ସମାରୋହରେ ମୁଖ୍ୟଅତିଥି ଭାବେ ଭରତପୁର କ୍ଷେତ୍ର ଉପମହାପ୍ରବନ୍ଧକ ଏସ.କେ.ଶର୍ମା ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ରମେଶ ଦାସ, ପ୍ରଭାକର ଦାସ, ସିଲୁ ଦାସ, ପ୍ରଦୀପ ଦାସ, ବୀରେନ୍ ଦାସ, ସୁମନ ଦାସ, ଲାରା ଦାସ, ଭବାନୀ ସିଠ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଅନୀଲ ଦାସ ଧନ୍ୟବାଦ ଦେଇଥିଲେ।



# ଆନ୍ତଃ ଡିଏଭି ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ତାଳଚେର, ୬।୧୧(ନି.ପ୍ର)

ଜଗନ୍ନାଥ କ୍ଷେତ୍ର ଡିଏଭି ପବ୍ଲିକ୍ ସ୍କୁଲରେ ଆନ୍ତଃ ଡିଏଭି ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହା ୩ ଦିନ ଚାଲିବ। ଏହି ପ୍ରତିଯୋଗିତାରେ ୪୪ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲର କାର୍ମିକ ଅଧିକାରୀ କେଶବ ଚନ୍ଦ୍ର ରାଓଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଡିଏଭି ବିଦ୍ୟାଳୟ ସମୂହର ନିର୍ଦ୍ଦେଶକ କେଶବ ଚନ୍ଦ୍ର ଶତପଥୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ମାସ୍କଟ୍ ଅନାବରଣ କରିଥିଲେ। ଡିଏଭି ବିଦ୍ୟାଳୟ ସମୂହର ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ, ଅତିରିକ୍ତ ଆଞ୍ଚଳିକ ଅଧିକାରୀ ଡ. ସୁଜତା ସାହୁ, ଇପ୍‌ସିତା ଦାସ, ସୁରେନ୍ଦ୍ର ଭୋଇ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ୮୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଝାରସୁଗୁଡ଼ା ଡିଏଭି ସ୍କୁଲ ଛାତ୍ର ରୁଦ୍ର ପ୍ରତାପ ବାଗ ପ୍ରଥମ, ଡିଏଭି ଏସ୍‌ଓସିପି ବ୍ରଜରାଜନଗର ଛାତ୍ର ମହେଶ କୁମାର ୨ୟ ଓ ଡିଏଭି ବନ୍ଧବାହାଲର ଛାତ୍ର ପର୍ବେଜ ଅଂସାରୀ ୩ୟ ସ୍ଥାନ ଗ୍ରହଣ କରିଥିଲେ। ଡିଏଭି ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜଗନ୍ନାଥ ଡିଏଭି ସ୍କୁଲ ଅଧକ୍ଷା ଶୁକ୍ଲା ଚକ୍ରବର୍ତ୍ତୀ ଧନ୍ୟବାଦ ଜଣାଇଥିଲେ।

# ବ୍ୟାଟେରି ଚୋରି ଅଭିଯୋଗରେ ୩ ଗିରଫ

ଅନୁଗୋଳ ଅଫିସ, ୬।୧୧

ଅନୁଗୋଳ ଥାନା ଲକ୍ଷ୍ମୀ ବଜାର ଅଞ୍ଚଳରୁ ଏକ ଗାଡ଼ିରୁ ବ୍ୟାଟେରି ଚୋରି ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ହୁଲୁରିସିଂହା ଗ୍ରାମର ରାହୁଲ ମୁଖୀ (୨୧), ଲିଙ୍ଗରାଯୋଡ଼ି ଗ୍ରାମର ସାଗର ବେହେରା (୨୨) ଓ ହେମସୁରପଡ଼ାର ପ୍ରଦୀପ କୁମାର ଗୁପ୍ତା (୩୩)। ପୋଲିସ କହିଛି, ଗତ ୪ ତାରିଖ ରାତିରେ ଶୁଭମ୍ ତୁଲସିଆନ୍ ଘର ସମ୍ମୁଖରେ ଗାଡ଼ି ରଖିଥିଲେ। ସକାଳୁ ଗାଡ଼ିରେ ବ୍ୟାଟେରି ନ ଥିବା ସେ ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ. ନଂ. ୫୯୧/୨୨ରେ ମାମଲା ରୁଜୁ କରିଥିଲା। ବ୍ୟାଟେରି ଚୋରି ଘଟଣାରେ ରାହୁଲ ଓ ସାଗରଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ନିକଟରୁ ବ୍ୟାଟେରି କିଣିଥିବା କବାଡ଼ି ମାଲିକ ପ୍ରଦୀପଙ୍କୁ ମଧ୍ୟ ଗିରଫ କରାଯାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# 'ତୃଣମୂଳସ୍ତରରୁ କାମ କରିବାକୁ ପଡ଼ିବ'



ବଅଁରପାଳ, ୬।୧୧(ଡି.ଏନ୍.ଏ.)

ଅନୁଗୋଳ ଜିଲା ନାଲ୍‌କୋନଗରଠାରେ ବହୁଜନ ସମାଜ ପାର୍ଟି ଓଡ଼ିଶା ସେକ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦଳୀୟ ରାଜ୍ୟ ସଂଯୋଜକ ସୁବ୍ରତ ସାମଲ, ସମ୍ମାନିତ ଅତିଥି ନାରାୟଣ ଭେଣ୍ଡ୍ରା, ରାଜୁ ନନ୍ଦ, ଗାନ୍ଧୀ ବେହେରା ଯୋଗ ଦେଇଥିଲେ। ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ସୁନ୍ଦରଗଡ଼ ଜିଲାର ସଭାପତି ଏବଂ ଅନ୍ୟ ନେତୃମଣ୍ଡଳୀ ଯୋଗଦେଇଥିଲେ। ଅନୁଗୋଳ ଜିଲା ସଭାପତି ସତ୍ୟବାନ ଦାସ ସଭା ପରିଚାଳନା କରିଥିଲେ। ଓଡ଼ିଶାରେ ବହୁଜନ ସମାଜ ପାର୍ଟିକୁ କ୍ଷମତାକୁ ଆଣିବାକୁ ହେଲେ ତୃଣମୂଳସ୍ତରରୁ କାମ କରିବାକୁ ପଡ଼ିବ ବୋଲି ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ। ଜିଲା ବହୁଜନ ସମାଜ ପାର୍ଟି କାର୍ଯ୍ୟକାରୀ ସଦସ୍ୟ କୁମୁଦ ଚନ୍ଦ୍ର ନାୟକ, ହରିହର ନାୟକ, ତାପସ ରଞ୍ଜନ ନାୟକ, ଆଠମଲ୍ଲିକ ଅଞ୍ଚଳର ପବିତ୍ର ସେଠୀ, କରୁଣାକର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ନୀତିରୁ ଦୂରେଇ ରହିବା ପାଇଁ ପରାମର୍ଶ




ବଅଁରପାଳ,୬।୧୧(ଡି.ଏନ.ଏ.)

ନାଲ୍‌କୋରେ ସପ୍ତାହେ ବ୍ୟାପୀ ଚାଲିଥିବା ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା, ମାନବ ସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ସ୍ମେଲଟର ଏବଂ ସିପିପି କାରଖାନା ପରିସରରେ ଅଧିକାରୀମାନଙ୍କୁ ନେଇ ଶପଥ ପାଠ, ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ମହାପ୍ରବନ୍ଧକ ମନୋରଞ୍ଜନ ଆଚାର୍ଯ୍ୟ, ମହାପ୍ରବନ୍ଧକ ଅଶୋକ ଦାସ, ଉପମହାପ୍ରବନ୍ଧକ ତପନ ତନୟ ମହାପାତ୍ର ଯୋଗ ଦେଇଥିଲେ। ଅତିଥି ମାନେ ସିଆଇଏସଏଫ କର୍ମଚାରୀ, ସରସ୍ୱତୀ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ର, ଏନ୍‌ସିସି ଦିଲ୍ଲୀ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ଏବଂ ଘରୋଇ ସୁରକ୍ଷା କର୍ମୀଙ୍କୁ ଦୁର୍ନୀତିରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରବନ୍ଧକ ପୂର୍ଣ୍ଣଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। ପ୍ରବନ୍ଧକ ମନୀଷ ମଟଲିଆ, ନାଲ୍‌କୋ ଲୋକସମ୍ପର୍କ ପ୍ରମୁଖ ଶିଳକ ସମୀର ମାଝି ସହଯୋଗ କରିଥିଲେ।

# ୧୧ ଟ୍ରକ୍‌ରୁ ଜରିମାନା ଆଦାୟ

କଣିହାଁ,୬।୧୧(ଡି.ଏନ.ଏ.)

ନିୟମ ଭାଙ୍ଗି ବେଆଇନ ରାସ୍ତାରେ ଚଳାଚଳ କରୁଥିବା ଭାରିଯାନ ଉପରେ କଣିହାଁ ବ୍ଲକ ସମଲ ପୋଲିସର ଚଢ଼ାଉ ଅଭିଯାନ ଜାରି ରହିଛି। ଶନିବାର ରାତିରେ ପାଟ୍ରୋଲିଂ ସମୟରେ ୧୧ଟି ଟ୍ରକ୍ ଜବତ କରାଯାଇଥିବା ଆଇଆଇସି ଯାଜ୍ଞସେନୀ ପ୍ରଧାନ ସୂଚନା ଦେଇଛନ୍ତି। ତନ୍ମଧ୍ୟରେ ୧୦ କୋଇଲା ବୋଝେଇ ଓ ଗୋଟିଏ ପାଉଁଶ ବୋଝେଇ ଟ୍ରକ୍ ଅନ୍ତର୍ଭୁକ୍ତ। ଗାଡ଼ିଗୁଡ଼ିକ ସେମାନଙ୍କ ପାଇଁ ଥିବା ପରମିଟ୍ ରାସ୍ତାରେ ନ ଯାଇ ସମଲ–ବଲାଙ୍ଗୀ ରାସ୍ତାରେ ଯାଉଥିଲେ। ଜବତ ଗାଡ଼ିରୁ ୧ ଲକ୍ଷ ୮୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ପଦଯାତ୍ରାରେ ଜନସମ୍ପର୍କ




କଣିହାଁ, ୬।୧୧(ଡି.ଏନ.ଏ.)

କଣିହାଁ ବ୍ଲକ କୁଲୁମା ଓ ହନୁମାନପୁର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଏହାର ନେତୃତ୍ୱ ନେଇଥିଲେ। ଖୁଣ୍ଡୋ, ନୀଳାପଶି, କୁଲୁମା, ଓଳନ୍ଦା, ସାପକଟା, ଖଜୁରିଆ, ଝରାବେରଣୀ, ଲାଙ୍ଗୁଆବେଡ଼ା, ଶଗଡ଼ିପାଳ, ହନୁମାନପୁର, ବ୍ରାହ୍ମଣଦେଇ ଗ୍ରାମରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ନାଲମ ଗ୍ରାମ ଗୋଛାୟତ ସାହିରେ ଅନୁଷ୍ଠିତ କାର୍ତ୍ତିକେଶ୍ୱର ପୂଜାରେ ବିଧାୟକ ଯୋଗଦେବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ନିର୍ମିତ କୋଠଘର ଉଦ୍‌ଘାଟନ କରିଥିଲେ। ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷା ରଶ୍ମିତା ସେଠୀ, ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଜୟନ୍ତୀ ପ୍ରଧାନ, ସରପଞ୍ଚ ଦୀପି ବେହେରା, ପ୍ରଭାତୀ ସେଠୀ, ସମିତି ସଭ୍ୟ ଦୀପକ ସେଠୀ, ସୀମାଚଳ ପଣ୍ଡା ଯୋଗ ଦେଇଥିଲେ। ବ୍ଲକ ଯୁବ ସଭାପତି ଗଗନ ରାଉତ, ଛାତ୍ର ସଭାପତି ସଞ୍ଜୟ ମାଝି, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, କରୁଣାକର ପ୍ରଧାନ, ଦଳକ ପଞ୍ଚାୟତ ସଭାପତି ଜୟନ୍ତ ପ୍ରଧାନ, ତାଳପଦା ସଭାପତି ଜିତେନ୍ଦ୍ର ବିଶ୍ୱାଳ, ହନୁମାନପୁର ସଭାପତି ଦୁଃଖବନ୍ଧୁ ସାହୁ, ପ୍ରଶାନ୍ତ ସାହୁ, ଶିଶିର ବେହେରା, କୃପାସିନ୍ଧୁ ସାହୁ, କୁଲୁ ପ୍ରଧାନ ଯୋଗ ଦେଇଥିଲେ।


ବାଜି ରାଉତ ଜାତୀୟ କପ ଫୁଟବଲ୍‌ର ରବିବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଜଣେ କୁନି ପ୍ରଶଂସକ ଖେଳାଳିଙ୍କ ସହ ସେଲ୍ଫି ନେଉଛନ୍ତି।


ଅତିଥି ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ୭ ନଭେମ୍ବର, ୨୦୨୨



# ୧୩ରୁ ସାଇ ସତ୍‌ସଙ୍ଗ କାର୍ଯ୍ୟକ୍ରମ

ଢେଙ୍କାନାଳ ଅଫିସ, ୬ା୧୧

ଢେଙ୍କାନାଳ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମଣ୍ଡପରେ ଆସନ୍ତା ୧୩ ତାରିଖରୁ ୩ଦିନ ବ୍ୟାପୀ ସାଇବାବାଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାକୁ ଶୃଙ୍ଖଳିତ କରିବା ପାଇଁ ସଭାପତି ଉପେନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅମରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ୧୩ ତାରିଖ ଅପରାହ୍ଣ ୫ଟାରେ ବାଜିଚୌକଠାରୁ ବାବାଙ୍କ ଶୋଭାଯାତ୍ରା ବାହାରି ଶ୍ରୀରାମ ମଣ୍ଡପରେ ପହଞ୍ଚିବ। ଶିରିଡ଼ିର ରଥ ପରିକ୍ରମା ପ୍ରମୁଖ ଆକର୍ଷଣ ସାଜିବ। ୧୪ ତାରିଖରେ ପୂର୍ବାହ୍ଣ ସାଢ଼େ ୮ଟାରେ ସାଇ ସତ୍ୟନାରାୟଣ ବ୍ରତ ପୂଜା ଅନୁଷ୍ଠିତ ହେବ। ୨ ପର୍ଯ୍ୟାୟରେ ୧୦୮ ଦମ୍ପତି ଏଥିରେ ଭାଗନେବେ। ଶିରିଡ଼ି ସଂସ୍ଥାନର ମୁଖ୍ୟ ପୂଜାରୀଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅପରାହ୍ଣରେ ଗୁରୁ ଭାଗବତ ପଠନ କାର୍ଯ୍ୟକ୍ରମ ରହିଛି। ସେହିପରି ୧୫ ତାରିଖ ଶେଷ ଦିନରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ସାଇ ଶତଚରିତ ପାଠ ହେବ। ଏଥିରେ ୧୦୮ ସାଇ ଆଶ୍ରିତ ଅଂଶଗ୍ରହଣ କରିବେ। ଉକ୍ତ କାର୍ଯ୍ୟକ୍ରମରେ କଟକ, ଭୁବନେଶ୍ୱର ପୁରୀ, ବାଲେଶ୍ୱର, ଭଦ୍ରକ, ସାଲେପୁର, ଅନୁଗୋଳ, ସମ୍ବଲପୁର, ରାଉରକେଲାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି।


ବୈଠକରେ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ବୃନ୍ଦ।

# ଅଲୋଡ଼ା ଐତିହ୍ୟ ଓଡ଼ିଆ ଶିଳ୍ପୀଙ୍କୁ ଅଣଆଡ଼ିଆ କରିଦେଲା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

- ଗଜପତି ନିଜ କୋଷାଗାରରୁ ଶିଳ୍ପୀଙ୍କୁ ଉପହାର ଦେଇଥିଲେ
- ଯଜ୍ଞଶାଳା ପ୍ରସ୍ତୁତିରେ ପଥୁରିଆଣୀଙ୍କର ସହଯୋଗ ଥିଲା

ଆମେ 'ବଢ଼େଇ' ଶବ୍ଦର ରହସ୍ୟ ପ୍ରସଙ୍ଗରେ ସୂଚନା ଦେଇଥିଲୁ। ପଥରସୁଆଁସିଆଙ୍କର କାର୍ଯ୍ୟ ଅନୁଶୀଳନ କଲେ ଜଣାଯାଉଛି ସେମାନେ ବଢ଼େଇ ନ ଥିଲେ। ମନ୍ଦିର ନିର୍ମାଣ ପାଇଁ ଆସିଥିବା ୨୩୨୪ ଜଣ ଶିଳ୍ପୀଙ୍କ ମଧ୍ୟରୁ ୫୩୦ଜଣ ଯୁବଶିଳ୍ପୀ ଗଜପତିଙ୍କ ସହିତ ବିଜୟକୋଣ୍ଡା (ବିଜୟୱାଡ଼ା) ଯାଇଥିଲେ। ବିଜୟୱାଡ଼ା ସେତେବେଳେ ଆମ ସାମ୍ରାଜ୍ୟଭୁକ୍ତ ଥିଲା। ରେଣ୍ଡିଆଶିଳ୍ପୀ ସୈନ୍ୟବାହିନୀରେ ଯୋଗଦେବାକୁ ଯାଇଥିଲେ। ପୂର୍ବରୁ ଆମେ ଏହା ସୂଚନା ଦେଇଥିଲୁ। ମନ୍ଦିର ନିର୍ମାଣ ଆରମ୍ଭ ବେଳର କଥା ଇଏ। ସେମାନେ ଗଜପତିଙ୍କ ସହିତ ଯୁଦ୍ଧଯାତ୍ରାରେ ଯାଇଥିଲେ। ଫେରିବା ପରେ ସେମାନେ ନିଜ ନିଜ ଗାଁକୁ ଯାଇ ନ ଥିଲେ। କୋଣାର୍କକୁ ଆସିଥିଲେ। ମନ୍ଦିର ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ।

ନିଯୁକ୍ତ ହୋଇଥିବା ଯୁବ ପଥୁରିଆଙ୍କ ସଂଖ୍ୟା ଥିଲା ୩୪୦ ଓ ଯୁବ ପାଇଟିଆଳ ଯେଉଁମାନେ କି ପଥୁରିଆଙ୍କୁ ସାହାଯ୍ୟ କରୁଥିଲେ ସେମାନେ ଥିଲେ ୨୭୩ ଜଣ। ମୋଟ ୬୧୩ଜଣ।


ଶ୍ରୀମନ୍ଦିର ସମ୍ମୁଖରେ ଶୋଭା ପାଉଥିବା ଅରୁଣ ସ୍ତମ୍ଭ। ଫଟୋ: ଯଜ୍ଞେଶ୍ୱର ମହାନ୍ତି

ବିଜୟୱାଡ଼ା ଯାଇଥିଲେ ୫୩୦ ଜଣ। ଆଉ ଅଧିକ ୮୩ଜଣ ଏମାନଙ୍କ ସହ ସାମିଲ ହେଲେ ସୈନ୍ୟବାହିନୀରୁ। ସେମାନେ ନିର୍ମାଣ କାର୍ଯ୍ୟର ଯଥେଷ୍ଟ ଅଗ୍ରଗତି ହେବା ପରେ କାର୍ଯ୍ୟରୁ ଛୁଟିନେଇ ଗାଁକୁ ଫେରିଯିବାକୁ ଇଚ୍ଛା କରିଥିଲେ। ଗଜପତି ଜାଣିବା ପରେ ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୧ ହଜାର ୩୪ଟି ସୁନାମାଡ଼ ଦେଇଥିଲେ। ସାଙ୍ଗରେ ଚାଉଳ, ମୁଗ ନେଇ ଘରକୁ ଯିବାକୁ ଅନୁମତି ଦେଇଥିଲେ। ଏହା କୋଣାର୍କ କୋଷାଗାର (ଟ୍ରେଜେରି)ରୁ ଦିଆଯାଇ ନ ଥିଲା। ଗଜପତି ନିଜ କୋଷାଗାରରୁ ଦେଇଥିଲେ। ଏଇଠି ପୋଥି ଲେଖକ ଲେଖୁଛନ୍ତି ସେମାନଙ୍କୁ ଗଣ୍ଡିଲି ଭର୍ତ୍ତି କରି କିଛି ଦରବ ଦିଆଯାଇଥିଲା। ସେ ଦରବ କ'ଣ ମୁଁ ଜାଣି ନାହିଁ। ଏସବୁ ଲେଖିବାର ଉଦ୍ଦେଶ୍ୟ ଗଜପତି ନିର୍ଯାତନା ଦେଉ ନ ଥିଲେ। ଆଦର କରୁଥିଲେ। ଆଦର କରୁ ନ ଥିଲେ ଉପହାର ଦେଇ ସମ୍ବର୍ଦ୍ଧିତ କରି ନ ଥାନ୍ତେ।

ଯୁବ ପଥୁରିଆ ଯେଉଁ ଯେଉଁ ଦଣ୍ଡପାଟ, ଗଡ଼, ଗାଁରୁ ଆସିଥିଲେ ଦାମ ଜେନା ତା'ର ମଣତି ଦେଇଥିଲେ। ଆମେ ତାଲିକା ଦେଇଥିଲୁ। ସେଗୁଡ଼ିକ ସବୁ ଓଡ଼ିଶା ଭୂଖଣ୍ଡର।

ବଢ଼େଇ ଏବଂ ଶିଳ୍ପୀ ମହାରଣା ଶବ୍ଦ ଅଲଗା ଅଲଗା ବ୍ୟବହାର ହୋଇଥିବାର ଦେଖାଯାଏ। ପଥର କାମ ସହିତ ଶିଳ୍ପୀମାନଙ୍କୁ 'ମହାରଣା' କୁହାଯାଇଛି। କାଠକାମ ଶିଳ୍ପୀଙ୍କୁ 'ବଢ଼େଇ' ଶବ୍ଦରେ ବର୍ଣ୍ଣନା କରାଯାଇଛି। ତିନୋଟି କାଠ ଦ୍ୱାର ତିଆରି କରିଥିବା ୮ଜଣଙ୍କୁ 'ବଢ଼େଇ' କୁହାଯାଇଛି। ପଥର ମହାରଣା ଓ ବଢ଼େଇ ମହାରଣାଙ୍କ କାମ ସମ୍ପୂର୍ଣ୍ଣ ଅଲଗା ଅଲଗା ବର୍ଣ୍ଣନା କରାଯାଇଛି। ଠିକ୍ ସେମିତି ପାଇଟିଆଳ, ସୁଆଁସିଆ ଶବ୍ଦ ଅଲଗା ଅଲଗା ବ୍ୟବହାର କରାଯାଇଛି। ଏମାନେ ମୂଲିଆ ଭାବରେ ଅର୍ଥାତ୍ ଶିଳ୍ପୀଙ୍କ ସହଯୋଗୀ ଭାବରେ କାମ କଲାବେଳେ ପଥର ସୁଆଁସିଆ ଭାବରେ ଚିହ୍ନିତ ହୋଇଛନ୍ତି। ନାରୀମାନଙ୍କ କ୍ଷେତ୍ରରେ, 'ପଥୁରିଆଣୀ' ଶବ୍ଦ ବ୍ୟବହାର ହୋଇଛି। ପାଇଟିଆଳ ନାରୀ ଓ ପୁରୁଷ ଉଭୟ ଥିଲେ।

## ସଂକ୍ଷେପରେ

### ଏମ୍‌ଏନ୍‌ସିସି କପ୍ କ୍ରିକେଟ୍: ହଣ୍ଡପା ଚାମ୍ପିୟନ

ବଇଣ୍ଡା,୬ା୧୧(ଡି.ଏନ.ଏ.): କିଶୋରନଗର ବରପଡ଼ିଆଠାରେ ଚାଲିଥିବା ଏମ୍‌ଏନ୍‌ସିସି କ୍ରିକେଟ୍ କପ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଏମ୍‌ଏନ୍‌ସିସି କ୍ଲବକୁ ହରାଇ ହଣ୍ଡପା କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଏମ୍‌ଏନ୍‌ସିସି ବ୍ୟାଟିଂ କରି ୯୮ ରନ୍ କରିଥିଲା। ଜବାବରେ ହଣ୍ଡପା ୧୦୦ ରନ୍ କରି ଚାମ୍ପିୟନ ହୋଇଥିଲା। ସୌମ୍ୟରଞ୍ଜନ ମାଝି, ପବି ବେହେରା ପରିଚାଳନା କରିଥିଲେ। କ୍ଲବ ସଭାପତି ଯୋଗେଶ ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅତିଥି ଭାବେ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ, ଧଉରାପାଲି ସରପଞ୍ଚ ସଞ୍ଜିତ ସାହୁ, ଝରାବେରେଣୀ ଗ୍ରାମର ଶରତ ପ୍ରଧାନ, ଅଙ୍ଗପଡ଼ା ସରପଞ୍ଚ ଜିତେନ୍ଦ୍ର ସାହୁ, ଧଡରପାଲ ସରପଞ୍ଚ କ୍ଷମାନିଧି ପ୍ରଧାନ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।



# ୧୯ ଘଣ୍ଟାରେ ୩୦୦ କି.ମି. ସାଇକେଲ ଯାତ୍ରା ଲକ୍ଷ୍ୟ


ସାଇକେଲ ଅଭିଯାତ୍ରୀ ଦଳ।

ରାସୋଲ, ୬ା୧୧(ଡି.ଏନ୍.ଏ.)

ଭୁବନେଶ୍ୱର ସାଇକେଲ ଏବଂ ଆଡ୍‌ଭେଞ୍ଚର କ୍ଲବ ପକ୍ଷରୁ ଏକ ଦୁଃସାହସିକ ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩୭ ଜଣିଆ ଅଭିଯାତ୍ରୀ ଦଳ ୧୯ ଘଣ୍ଟାରେ ୩୦୦ କିଲୋମିଟର ପଥ ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଅତିରିକ୍ତ ଆୟକର କମିଶନର ସରୋଜ ମହାପାତ୍ର, ଯୁବ ଉଦ୍ୟୋଗୀ ମନୋଜ ପୃଷ୍ଟି, ପ୍ରଶାସନିକ ଅଧିକାରୀ ସନ୍ତୋଷୀ ସାହୁ, କ୍ରିକେଟର ଜ୍ୟୋତିର୍ମୟୀ ବିଶ୍ୱାଳ ଏହାର ନେତୃତ୍ୱରେ ନେଇଥିଲେ। ଉକ୍ତ ସାଇକେଲ ଅଭିଯାତ୍ରୀ ଦଳର ସଦସ୍ୟମାନେ ରବିବାର ଭୋର୍ ୬ଟାରୁ ଭୁବନେଶ୍ୱରରୁ ବାହାରି ଆଠଗଡ଼ ଦେଇ ରାସୋଳରେ ପହଞ୍ଚିଥିଲେ। ସେଠାରୁ ହିନ୍ଦୋଳ ଦେଇ ନରସିଂହପୁର ଯାଇଥିଲେ। ଏହାପରେ ବଡ଼ମ୍ବା-ଆଠଗଡ଼ ରାସ୍ତାରେ ପୁନର୍ବାର ଭୁବନେଶ୍ୱର ଅଭିମୁଖେ ଫେରିଛନ୍ତି।

ଭୁବନେଶ୍ୱର ସାଇକେଲ ଏବଂ ଆଡ୍‌ଭେଞ୍ଚର କ୍ଲବ ପକ୍ଷରୁ ୨୦୧୪ରୁ ଏଭଳି ସାଇକେଲ ଯାତ୍ରା କରାଯାଉଛି। ଏହି ଦଳ ଅତୀତରେ ଭୁଟାନ, କାଠମାଣ୍ଡୁ ବିଶାଖାପାଟଣାକୁ ସାଇକେଲ ଯାତ୍ରା କରିଛନ୍ତି। ଏ ସଂକ୍ରାନ୍ତରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ପଣ୍ଡା କୁହନ୍ତି, ସାଇକେଲ ଚାଳନା ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ। ଦୈନିକ ସାଇକେଲ ଚଳାଇବା ଦ୍ୱାରା ରୋଗରୁ ସୁରକ୍ଷା ମିଳିଥାଏ। ଆଗାମୀ ଦିନରେ ୨୦୦ କି.ମି., ୪୦୦ କି.ମି., ୬୦୦ କି.ମି. ସାଇକେଲ ଯାତ୍ରା ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ଜିଲା ମହିଳା ବିଜେଡିର ନୂତନ କର୍ମକର୍ତ୍ତା

## ସାଗରିକା ପୁଣି ସଭାନେତ୍ରୀ

ଢେଙ୍କାନାଳ ଅଫିସ, ୬ା୧୧

ଢେଙ୍କାନାଳ ଜିଲା ମହିଳା ବିଜେଡିର ନୂତନ କର୍ମକର୍ତ୍ତାଙ୍କ ନାମ ରବିବାର ଘୋଷଣା କରାଯାଇଛି। ଜିଲା ମହିଳା ସଭାନେତ୍ରୀ ଭାବେ ସାଗରିକା ମିଶ୍ର ଏବଂ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ରୁବି ବିଶ୍ୱାଳଙ୍କୁ ପୁନର୍ବାର ଚୟନ କରାଯାଇଛି।

ସେହିପରି ଉପସଭାନେତ୍ରୀ ଭାବେ ମିନତୀ ନାୟକ, ସେବତୀ ସାମନ୍ତ, ଚାରୁଲତା ମିଶ୍ର, ସିଷ୍ଟର ନିବେଦିତା, ପୂର୍ଣ୍ଣିମାଚାନ୍ଦ ସାହୁ, ଉର୍ବଶୀ ମହାପାତ୍ର, ମାନସୀ ବେଜ୍, ସ୍ୱର୍ଣ୍ଣମଞ୍ଜରୀ ସାହୁ, ଶକୁନ୍ତଳା ସେଠୀ, ସୁଭଦ୍ରା ପାତ୍ରଙ୍କ ନାମ ଘୋଷଣା କରାଯାଇଛି। ସାଧାରଣ ସମ୍ପାଦିକା ଭାବେ ମମତା ପାଣି, ଲକ୍ଷ୍ମୀ ମାହୁନ୍ତ, ସସ୍ମିତାରାଣୀ ନାୟକ, ଅନସୂୟା ମାହୁନ୍ତ, ଝରଣା ରାଉତ, ପ୍ରଣତୀ ପଣ୍ଡା, ଶ୍ରଦ୍ଧାଞ୍ଜଳି ସାହୁ, ମିନତୀ ପଣ୍ଡା, ମମତା ମାହୁନ୍ତ, ଅପର୍ଣ୍ଣା ରଥ, ଝରଣାବାଳା ପୋଥାଳ ଚୟନ ହୋଇଛନ୍ତି। ଏଥିସହ ୧୬ ସମ୍ପାଦକ, ୧୩ ଯୁଗ୍ମ ସମ୍ପାଦକଙ୍କୁ କମିଟିରେ ସ୍ଥାନ ଦିଆଯାଇଛି। କୋଷାଧ୍ୟକ୍ଷ ଭାବେ ମନସ୍ମିତା ଦାସ, ଡିଜିଟାଲ ମିଡିଆ ପାଇଁ ବନ୍ଦନା ପଣ୍ଡା, ରତ୍ନପ୍ରଭା ସାହୁ, କାର୍ଯ୍ୟାଳୟ ସମ୍ପାଦକ ଭାବେ ସସ୍ମିତା ଆଚାର୍ଯ୍ୟଙ୍କ ନାମ ଘୋଷିତ ହୋଇଛି। ସେହିପରି ପରଜଙ୍ଗ ବ୍ଲକ ସଭାନେତ୍ରୀ ବିଳାସିନୀ ସେଠୀ, କଙ୍କଡ଼ାହାଡ଼ ପାଇଁ ଦ୍ରୌପଦୀ ମହାନ୍ତ, ସଦର ବ୍ଲକ ପାଇଁ ସୁନୀତା ସାହୁ, ଗଁଦିଆ ବ୍ଲକ ପାଇଁ ଶୁଭଦର୍ଶିନୀ ପରିଡା, କାମାକ୍ଷାନଗର ବ୍ଲକ ପାଇଁ ସ୍ମିତା ବିଶ୍ୱାଳ, କାର୍ଯ୍ୟକାରୀ ସଭାନେତ୍ରୀ ପ୍ରିୟଙ୍କା ସାହୁ, ଭୁବନ ବ୍ଲକ ସଭାନେତ୍ରୀ ପୁଷ୍ପଲତା ରାଉତ, ହିନ୍ଦୋଳ ବ୍ଲକର ଯୋଗମାୟା ଗଡ଼ନାୟକ, ଓଡ଼ାପଡ଼ା ବ୍ଲକର ବୀଣାପାଣି ରାଉତ, ଢେଙ୍କାନାଳ ପୌରାଞ୍ଚଳର ଶୁଭଲକ୍ଷ୍ମୀ ସାହୁ, କାମାକ୍ଷାନଗର ଏନ୍‌ଏସିର ରଞ୍ଜିତା ବେହେରା, ଭୁବନ ଏନ୍‌ଏସିର ଇତିଶ୍ରୀ ସାହୁ, ହିନ୍ଦୋଳ ଏନ୍‌ଏସିର ସ୍ୱର୍ଣ୍ଣମଞ୍ଜରୀ ସରଙ୍କ ନାମ ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଘୋଷଣା କରିଛନ୍ତି।

# ଫୁଟ୍‌ବଲ୍ ଏକାଡେମୀ ଆରମ୍ଭ


ଫୁଟବଲ ଏକାଡେମୀ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ଢେଙ୍କାନାଳ ଅଫିସ, ୬ା୧୧

ଢେଙ୍କାନାଳର ପୁରାତନ କ୍ରୀଡ଼ା ଅନୁଷ୍ଠାନ ଟାଉନ କ୍ଲବ ପକ୍ଷରୁ ସ୍ଥାନୀୟ ଯୁବ କ୍ରୀଡ଼ାବିତ୍‌ଙ୍କ ପ୍ରତିଭାର ବିକାଶ ପାଇଁ ରବିବାରଠାରୁ ଆରମ୍ଭ ହୋଇଛି ଫୁଟବଲ ଏକାଡେମୀ। ଏହା ମାଧ୍ୟମରେ କ୍ରୀଡ଼ା ପ୍ରତିଭାଙ୍କ ପାଇଁ ନିୟମିତ ଅଭ୍ୟାସ ଏବଂ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨ରୁ ୧୮ ବର୍ଷ ବୟସର ୪୦ଜଣଙ୍କୁ ଚୟନ କରାଯାଇଛି। ଷ୍ଟାଡିୟମ୍ ପରିସରରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ଟାଉନ କ୍ଲବ ସଭାପତି ନବୀନଚନ୍ଦ୍ର ନାରାୟଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ପ୍ରଦୀପ ତ୍ରିପାଠୀ, ବରିଷ୍ଠ ସଭ୍ୟ ଅଭିଜିତ ମିଶ୍ର, ସନ୍ଦୀପ ତ୍ରିପାଠୀ, ଅସୀମ ଦାସ, ଶୁଭ୍ରାଂଶୁ ଦଳେଇ, ଶିବସାଇ ମହାପାତ୍ର, ସନ୍ଦୀପ ରାଉତ, ପ୍ରଶାନ୍ତ ନାୟକ, ରାଜେନ୍ଦ୍ର ଦାସ, ରଘୁନାଥ ମିଶ୍ର ଉପସ୍ଥିତ ଥିଲେ। ରାମକୃଷ୍ଣ ବେହେରା, ଇସ୍ମାଇଲ ବକ୍ସ, ଜୟନ୍ତୀ ବେହେରା ପ୍ରମୁଖ ଏକାଡ଼େମୀ ପରିଚାଳନା ଦାୟିତ୍ୱରେ ଅଛନ୍ତି।

# ସିଆରିମଳିହାରେ କାର୍ତ୍ତିକେଶ୍ୱର ପୂଜା

ବଇଣ୍ଡା,୬ା୧୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ସିଆରିମଳିହା ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ମହାଆଡମ୍ବରରେ ଚାଲିଛି। ଶୁକ୍ରବାରଠାରୁ ପୂଜା ଆରମ୍ଭ ହୋଇଥିବାବେଳେ ରଙ୍ଗବେରଙ୍ଗ ଆଲୋକମାଳାରେ ମଣ୍ଡପ ଝଲସି ଉଠିଛି। ବହୁ ବର୍ଷ ହେବ ଗ୍ରାମରେ ପୂଜା ହେଉଥିବାବେଳେ ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଦୋଳଗୋବିନ୍ଦ ମାଝି, ତ୍ରୈଲୋକ୍ୟ ସୁନ୍ଦର ଗଡନାୟକ, ହରେକୃଷ୍ଣ ମାଝି, କ୍ଷୀରୋଦ ମାଝି, ବିମଳ ମାଝି ପ୍ରମୁଖ ସହଯୋଗ କରିଥିଲେ।



# ବିଜୁ ଶିଶୁ ଉଦ୍ୟାନ ପାଇଁ ଭୂମି ପୂଜନ

ଅନୁଗୋଳ ଅଫିସ, ୬ା୧୧

ଅନୁଗୋଳ ସହରର ୧୯ନଂ. ୱାର୍ଡ ଅଧୀନ ହେମସୁରପଡ଼ା ଦୁର୍ଗାମଣ୍ଡପ ପାର୍ଶ୍ୱରେ ନୂତନ ପୂଜା ମଣ୍ଡପ ଓ ବିଜୁ ଶିଶୁ ଉଦ୍ୟାନ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଟ୍ରାଫିକ୍ ସମସ୍ୟା କାରଣରୁ ପାର୍ବଣ ସମୟରେ ଜଟିଳ ସ୍ଥିତି ଉପୁଜୁଥିଲା। ଏହାକୁ ଦୃଷ୍ଟିରେ ରଖି ଶ୍ରୀଦୁର୍ଗା ପୂଜା କମିଟି ପକ୍ଷରୁ ନୂତନ ପୂଜା ମଣ୍ଡପ ଏବଂ ଛୋଟ ପିଲାମାନେ ଖେଳକୁଦ କରିବାକୁ ବିଜୁ ବାବୁଙ୍କ ନାମରେ ଏକ ଶିଶୁ ଉଦ୍ୟାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

କାର୍ଯ୍ୟକ୍ରମରେ ହେମସୁରପଡ଼ା ଦୁର୍ଗା ପୂଜା କମିଟି ସଭାପତି ସତ୍ୟାନନ୍ଦ ଦଳବେହେରା, ପଞ୍ଚାୟତ କମିଟି ସମ୍ପାଦକ ବ୍ରହ୍ମାନନ୍ଦ ସ୍ୱାଇଁ, ରିଆଜୁଦ୍ଦିନ୍ ଅହମ୍ମଦ, ମହେଶ୍ୱର ଜେନା, ପ୍ରଶାନ୍ତ ଦଳବେହେରା, ଗୋପବନ୍ଧୁ ସ୍ୱାଇଁ, ଶୁଭ୍ରାଂଶୁ ପ୍ରଧାନ, ନଗେନ୍ଦ୍ର ଜେନା, ପ୍ରମୋଦ ଦଳବେହେରା, ପଦ୍ମଲୋଚନ ଦଳବେହେରା, ଲାଲା ସୁବ୍ରତ ସିଂଙ୍କ ସମେତ ବରିଷ୍ଠ ନାଗରିକ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କମିଟି ସମ୍ପାଦକ ବଳରାମ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ପାଇଁ ଗ୍ରାମସଭା

ଢେଙ୍କାନାଳ ଅଫିସ, ୬ା୧୧

ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ପାଇଁ ହଳଦିଆବାହାଳ ରାଜସ୍ୱ ଗ୍ରାମ କୋଠଘରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ନୟା ଭାଗୀରଥିପୁର ପଞ୍ଚାୟତ ସରପଞ୍ଚ ଜତି ନାୟକଙ୍କ ଅଧ୍ୟକ୍ଷତାରେ ଖାତା ନଂ. ୩୬୨, ପ୍ଲଟ୍ ନଂ. ୧୫୩୭ର ୭ଏକର ୩୫୦ ଡେସିମିଲ ଏବଂ ପ୍ଲଟ ନଂ. ୨୫୩୭/୨୬୬୬ର ୨.୪୫୦ ଡେସିମିଲ ଜମି ଉପରେ ପ୍ରସ୍ତାବିତ କୋଠା ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା, ନୟାଭାଗୀରଥିପୁର ସମିତିସଭ୍ୟ ସୁମତି ନାୟକ, ୭ ୱାର୍ଡମେମ୍ବର ଏବଂ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଜଙ୍ଗଲ କିସମ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ଲିଜ୍ ସୂତ୍ରରୁ ଜମି ଅଧିଗ୍ରହଣ ପ୍ରସ୍ତାବ ପାରିତ ହୋଇଛି।


ଗ୍ରାମସଭାରେ ଗ୍ରାମବାସୀମାନେ।

# ଏବିଭିପିର ନୂତନ କାର୍ଯ୍ୟକାରିଣୀ ସଦସ୍ୟ

ଢେଙ୍କାନାଳ ଅଫିସ, ୬ା୧୧

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଢେଙ୍କାନାଳ ନଗର ପକ୍ଷରୁ ସ୍ଥାନୀୟ ଲେଖକ ସଂସଦ ଭବନଠାରେ ଏକ ସମ୍ମିଳନୀ ରବିବାର ଅନୁଷ୍ଠିତ ହେଇଯାଇଛି। ୮୦ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ନଗର କାର୍ଯ୍ୟକାରିଣୀ ସଭାପତି ଭାବେ ପ୍ରିୟବ୍ରତ ପ୍ରଧାନ, ସମ୍ପାଦକ ସୌମେଶ ସାହୁ, ସହ ସମ୍ପାଦକ ବିଟା ଆଚାର୍ଯ୍ୟ, ପ୍ରୀତିସ୍ୱରୂପା ଦାସ, ବିଷ୍ଣୁପ୍ରସାଦ ସାମଲଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏବିଭିପି ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି, ପ୍ରାନ୍ତ ପ୍ରମୁଖ ଦିଲୀପ ଦାସ, ଜିଲା ପ୍ରମୁଖ ଚିତ୍ତରଞ୍ଜନ ରାଉତରାୟ, ଜିଲା ସଙ୍ଗଠନ ସମ୍ପାଦକ ବୃନ୍ଦାବନ ମୁରୁଡ଼ି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସମ୍ପାଦକ ଏବିଭିପିର ନୀତି ଆଦର୍ଶ ବିଷୟରେ ଅଭିଭାଷଣ ରଖିଥିଲେ। ଜିଲା ସଂଯୋଜକ ଅରୂପ ପଟ୍ଟନାୟକ ୨୦୨୧-୨୨ ଶିକ୍ଷାବର୍ଷରେ କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପନା କରିଥିଲେ।



ବୈଠକରେ ଉପସ୍ଥିତ ଏବିଭିପିର ସଙ୍ଗଠନ ସହିତ ଜଡ଼ିତ ସଦସ୍ୟମାନେ।

